# କୃଷି ବିଜ୍ଞାନ କେନ୍ଦ୍ରର ୧୬ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ।

## Scientific advisory committee meeting of KVK.

କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ(ଖରିଫ) ଆଜି ପୂର୍ବାହ୍ନରେ ପଞ୍ଚମହଲା ସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଓଡିଶା କୃଷି ଓ ବୈଷୟିକ ବିଦ୍ୟାଳୟର ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡ.ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃଷି ଓ ଏହାର ଆନୁସଙ୍ଗିକ ବିଭାଗ ଗୁଡିକ କୃଷି ବିଜ୍ଞାନ କେନ୍ଦ୍ର ସହ ସମନ୍ୱୟ ରଖି କୃଷିର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ।

ଚଳିତ ଖରିଫ ଋତୁ ପାଇଁ କୃଷି ବିଜ୍ଞାନ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ.ବିନୀତା ଶତପଥି ସୂଚନା ପ୍ରଦାନ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଯଥା-ପଶୁ ଆରୋଗ୍ୟ ମେଳା ଓ ଖତ ସାରର ସଠିକ୍ ବ୍ୟବହାର ସମ୍ପର୍କରେ ଅନୁଷ୍ଠିତ ହୋଇଥିବା ସଚେତନତା କାର୍ଯ୍ୟକ୍ରମ ଉପରେ ସେ ଆଲୋକପାତ କରିଥିଲେ । ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ସମାଚାର ପତ୍ରିକା ସହ ଦୁଇଟି ସମ୍ପ୍ରସାରଣ ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ବୈଠକରେ କଲିକତା ଆଂଚଳିକ ଗବେଷଣା ସମ୍ପ୍ରସାରଣ କେନ୍ଦ୍ରର ପ୍ରମୁଖ ବୈଜ୍ଞାନିକ ଡା.ପି ପି ପାଲ୍, ଢେଂକାନାଳ ମହିଷାପାଟ ସ୍ଥିତ ଗବେଷଣା କେନ୍ଦ୍ରର ମୁଖ୍ୟ ତଥା ଗବେଷଣା ନିର୍ଦ୍ଦେଶକ ଡ. ଦେବବ୍ରତ ପାଣିଗ୍ରାହୀ, ଢେଂକାନାଳ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ.ବିମଳେନ୍ଦୁ ମହାନ୍ତି,କଟକ ସ୍ଥିତ ରାଷ୍ଟ୍ରିୟ ଧାନ ଗବେଷଣା କେନ୍ଦ୍ରର ପ୍ରମୁଖ ବୈଜ୍ଞାନିକ ଡ.ଦିଲିପ ଷଡଙ୍ଗୀ,ଅନୁଗୋଳ ଉଦ୍ୟାନ ଉପ-ନିର୍ଦ୍ଦେଶକ ଶ୍ରୀ ପଦ୍ମ ଲୋଚନ ଦାସ, ଅନୁଗୋଳ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଭୋଳାଶଙ୍କର ବେହେରା, ଏଫ୍ ଇ ଏସ୍‌ର ଟିମ୍ ଲିଡର ସ୍ୱପ୍ନା ଷଡଙ୍ଗୀ, ଏଲ୍ ଡି ଏମ୍ ଶ୍ରୀ ମହେଶ୍ୱର ଗୌଡ, ଉପ-ନିର୍ଦ୍ଦେଶକ ମତ୍ସ୍ୟ ବିଭାଗ ଶ୍ରୀ ଶାନ୍ତନୁ କୁମାର ସାହୁ, ଜଳବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସୁବ୍ରତ ନାୟକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଅଗ୍ରଣୀ ଚାଷୀମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଶ୍ରୀ ରାମ ରତନ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଶେଷରେ ଡା.ମୋନାଲିସା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।


16th SCIENTIFIC ADVISORY
COMMITTEE MEETING
ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ